


# ପାର୍ଲାମେଣ୍ଟ ଆଗରେ ଓଡ଼ିଶା ଏମ୍‌ପିଙ୍କ ଧାରଣା

ନୂଆଦିଲ୍ଲୀ, ତା୯।୫ (ନି.ପ୍ର.)– ଓଡ଼ିଶାରେ ଏକ ଆଇଆଇଟି ସ୍ଥାପନା ଦାବି କରି ରାଜ୍ୟର ବିଜୁ ଜନତାଦଳ ଓ ଭାରତୀୟ ଜନତା ପାର୍ଟିର ସାଂସଦମାନେ ସଂସଦ ଭବନର ତିନି ନମ୍ବର ମୁଖ୍ୟ ପ୍ରବେଶ ଦ୍ୱାର ନିକଟରେ ଧାରଣା ପ୍ରଦର୍ଶନ କରିଥିବା ଜଣାଯାଇଛି । ଏହି ଧାରଣା ଆଜି ସାଢେ ଦଶଟା ସମୟରେ ଆରମ୍ଭ ହୋଇ ଏଗାରଟା ବେଳେ ଗୃହର କାର୍ଯ୍ୟକ୍ରମ ଆରମ୍ଭ ହେବା ପର୍ଯ୍ୟନ୍ତ ଚାଲିଥିବା ଲକ୍ଷ୍ୟ କରାଯାଇଥିଲା । ଧର୍ମଘଟକାରୀ ସାଂସଦମାନେ କେନ୍ଦ୍ରସରକାର ଓଡ଼ିଶା ପ୍ରତିପୋଷଣ କରୁଥିବା ବୈମାତୃକ ମନୋଭାବକୁ ତୀବ୍ର ନିନ୍ଦା କରିବା ସଙ୍ଗେ ସଙ୍ଗେ ରାଜ୍ୟବାସୀ ଏଭଳି ଅବିଚାରକୁ ବରଦାସ୍ତ କରିବେ ନାହିଁ ବୋଲି କହିଥିଲେ । ରାଜ୍ୟରେ ଆଇଆଇଟି ପ୍ରତିଷ୍ଠା ହେବା ପର୍ଯ୍ୟନ୍ତ ସଂସଦ ମଧ୍ୟରେ ଓ ବାହାରେ ଯେ କୌଣସି ମଞ୍ଚରେ ଏହି ପ୍ରତିବାଦ ଜାରି ରହିବ ବୋଲି ସେମାନେ ଘୋଷଣା କରିଥିଲେ । ଭୁବନେଶ୍ୱରଠାରେ ଖଡଗପୁର ଆଇଆଇଟିର ଏକ ଶାଖା ତୁରନ୍ତ ଖୋଲିବାକୁ ମଧ୍ୟ ସେମାନେ ଦାବି କରିଥିଲେ । ଧାରଣା ସମୟରେ ସାଂସଦମାନେ କେନ୍ଦ୍ରର କ୍ରମାଗତ ଅବହେଳା

## ମୁଖ୍ୟ ପ୍ରବେଶଦ୍ୱାର ଦେଇ ଯାତାୟାତ ବ୍ୟାହତ

ଓ କେନ୍ଦ୍ର ମାନବ ସମ୍ବଳ ବିକାଶମନ୍ତ୍ରୀ ଅର୍ଜୁନ ସିଂହଙ୍କ ବିରୋଧରେ ସ୍ଲୋଗାନମାନ ଦେଇଥିଲେ । 'ଉଇ ଡିମାଣ୍ଡ ଆଇଆଇଟି ସେଟ୍ ଅପ୍ ଇନ୍ ଓରିଶା' ଓ 'ଓଡ଼ିଶା ପ୍ରତି ବୈମାତୃକ ମନୋଭାବ ଚଳିବ ନାହିଁ' ଆଦି ସ୍ଲୋଗାନ ଲେଖାଯାଇଥିବା ପ୍ଲାକାର୍ଡ ମାନ ସାଂସଦମାନେ ହାତରେ ଧରିଥିଲେ । ମୁଖ୍ୟଦ୍ୱାରକୁ ଆବୋରି କରି ବସିଥିବା ସାଂସଦମାନଙ୍କ ଯୋଗୁଁ ସାଂସଦ, ମନ୍ତ୍ରୀ ଓ ସାମ୍ବାଦିକମାନେ ଲଗାତର ଭାବେ ସଂସଦ ଭବନର ଅନ୍ୟାନ୍ୟ ପ୍ରବେଶ ଦ୍ୱାର ଦେଇ ଭିତରକୁ ଯାଉଥିବାବେଳେ, ଧାରଣାକାରୀ ମାନଙ୍କର ଅର୍ଜୁନ ସିଂହ ହାଏ ହାଏ ଓ ଓଡ଼ିଶା ପ୍ରତି ଅବହେଳା ଚଳିବ ନାହିଁ ଧ୍ୱନି ଗଗନ ପବନକୁ ପ୍ରକମ୍ପିତ କରୁଥିବା ଦେଖାଯାଇଥିଲା ।

ଧାରଣାରେ ଅଂଶଗ୍ରହଣ କରିଥିବା ରାଜ୍ୟର ସାଂସଦମାନଙ୍କ ମଧ୍ୟରେ ବ୍ରଜକିଶୋର ତ୍ରିପାଠୀ, ବୈଜୟନ୍ତ ପଣ୍ଡା, ଅର୍ଜୁନ ଚରଣ ସେଠୀ, ପ୍ୟାରୀମୋହନ ମହାପାତ୍ର, ପ୍ରସନ୍ନ ଆଚାର୍ଯ୍ୟ, ପ୍ରସନ୍ନ କୁମାର ପାଟଶାଣୀ, ପ୍ରମିଳା ବହିଦାର, ଜୁଏଲ ଓରାମ, ଧର୍ମେନ୍ଦ୍ର ପ୍ରଧାନ, ରୁଦ୍ର ପାଣି, ଭର୍ତ୍ତୃହରି ମହତାବ ଓ ସୁଗ୍ରୀବ ସିଂହ ପ୍ରମୁଖ ଅର୍ନ୍ତଭୁକ୍ତ ଥିବା ଜଣାଯାଇଛି ।